# Akashvani, Sambalpur

## SAMBALPURI NEWS EVENING BULLETIN

**20 January 2026 - 7.02 pm- 7.12 pm.**

**********************************************

୧- ଭାରତୀୟ ଜନତା ପାର୍ଟିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ନୀତିନ୍ ନବୀନ୍ ।

- ଦଲର୍ କାର୍ଯ୍ୟଧାରାକେ ସେ ଆଗ୍‌କେ ନେବେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ରାଜ୍ୟପାଲ୍ ।

- କଟକ୍ ନ ଜାତୀୟ ପତାକା ଉତୋଲନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ପ୍ରଗତି ପ୍ଲାଟ୍‌ଫର୍ମ ଜରିଏ ୨୦୨୪ ନୁ ୨୦୨୫ ଭିତ୍‌ରେ ଓଡ଼ିଶାର୍
୪ ଟା ପ୍ରମୁଖ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି ହେଇଛେ କାର୍ଯ୍ୟକ୍ଷମ୍ ।

ଆଉର୍

୪- ସର୍‌ଲା ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପକ୍ଷୀ ଗନ୍‌ତି ।

- ଇ ବଛର୍ ଆସିଛନ୍ ଶହେ ୨୮ ପ୍ରଜାତିର୍ ୪ ଲାଖ୍ ୨୦ ହଜାର୍ ଚଢ଼େଇ ।

ରାଷ୍ଟ୍ରୀୟ ଅଧ୍ୟକ୍ଷ- ବିଜେପି ଆର୍ଏନ୍ୟୁ/ ସମ୍ବଲପୁର

ବିଜେପିର୍ କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ଦଲର୍ ୧୨ ନମ୍ବର୍ ଅଧ୍ୟକ୍ଷ ଭାବେ ଆଏଜ୍ ଦାୟିତ୍ୱ ନେଇଛନ୍ । ବିଜେପିର୍ ରାଷ୍ଟ୍ରୀୟ ରିଟର୍ଣ୍ଣିଂ ଅଧିକାରୀ କେ. ଲକ୍ଷ୍ମଣ୍ ନୂଆଦିଲ୍ଲୀର୍ ଦଲୀୟ ମୁଖ୍ୟାଲୟ ନ ଇ ବାବଦ୍ ଘୋଷ୍ନା କରିଛନ୍ । ଗଲାକାଏଲ୍ ହେଇଥିବା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ୍ ନିର୍ବାଚନ୍ଥି ଶ୍ରୀ ନବୀନ୍ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଇଥିଲେ । ଆଏଜ୍ ଦଲର୍ ଆଘର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କର୍ ଠାନୁ ସେ ଦାୟିତ୍ୱ ନେଇଛନ୍ । ଶ୍ରୀ ନବୀନ୍ଙ୍କୁ ଦଲର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ବଛାଯାଇଥିବାର୍ନୁ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ ଆଉ ଅଲ୍ଗା ମନ୍ତ୍ରୀମାନେ ଶୁଭେଚ୍ଛା ଜନେଇଛନ୍ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ନବୀନ୍ଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ବିଜେପିକେ ପୁର୍ଥିର୍ ସବୁନୁ ବଡ଼ ରାଜନୈତିକ ଦଲ୍ ବଲି କହିଛନ୍ । ଶ୍ରୀ ନବୀନ୍ ଦଲର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ବିଜେପିର୍ କାର୍ଯ୍ୟଧାରାକେ ଆଗ୍କେ ନେବେ । ନୂଆଁନିଯୁକ୍ତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ସେହି ପିଢ଼ିର ଆନ୍, ଯେନ୍

ପିଢ଼ି ଦେଶର୍ ପ୍ରମୁଖ ଅର୍ଥନୈତିକ ସାମାଜିକ ଆଉ ପ୍ରଯୁକ୍ତିବିଦ୍ୟାଗତ ପରିବର୍ତ୍ତନ୍ ଦେଖିଛେ । ଶ୍ରୀ ନବୀନଙ୍କର୍ ଅଭିଜ୍ଞତା ଦଲର୍ କର୍ମୀମାନ୍‌କର୍ ଲାଗି କେତ୍‌ନିକେତେ ଲାଭ୍ ଆନିଦେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶୁଭେଚ୍ଛା ଉତ୍‌ରୁ ଶ୍ରୀ ନବୀନ୍ କହିଛନ୍,

(ଭଏସ୍ ଓଭର୍- ନୀତିନ୍ ନବୀନ୍)

ନୀତିନ୍ ନବୀନ୍ ଦାୟିତ୍ୱ ନେବାର୍ ଉତ୍‌ରୁ ସମାରାହଥି ଉପସ୍ଥିତ୍ ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ଓଡ଼ିଶାର୍ ବିଜେପି ସାଂସଦ୍ ମାନେ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ସାଧାରଣତନ୍ତ୍ର ଦିବସ ଆର୍‌ଏନ୍‌ୟୁ/ କଟକ୍

ଆଏବା ୭୭ ନମ୍ବର୍ ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବେ । ରାଜ୍ୟ ଗୃହ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ନ ସାଧାରଣ୍‌ତନ୍ତ୍ର ଦିବସ୍ ଉସ୍ଛବ୍‌ଥି ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପରେଡ୍ ନ ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ସେନ୍ତା ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କୋରାପୁଟ୍, ପ୍ରଭାତୀ ପରିଡ଼ା ଖୋର୍ଦ୍ଧା, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ପୁରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ବର୍‌ଗଡ୍, ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ସମ୍ବଲ୍‌ପୁର୍, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କଲାହାଣ୍ଡି ଆଉ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ବୌଦ୍ଧ ନ ପତାକା ଉତୋଲନ୍ କର୍‌ବେ ।

ପ୍ରଗତି-ଓଡ଼ିଶା ପି.ଆଇ.ବି.

କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଗତି ପ୍ଲାଟ୍‌ଫର୍ମ ଜରିଏ ୨୦୨୪ ଜୁନ୍ ମାସ୍‌ନୁ ୨୦୨୫ ଡିସେମ୍ବର୍ ମାସ୍ ଭିତ୍‌ରେ ଓଡ଼ିଶାର୍ ୨ ହଜାର୍ ୬ ଶହ ୧୩ କୋଟି ଟଙ୍କାର୍ ୪ ଟା ପ୍ରମୁଖ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି କାର୍ଯ୍ୟକ୍ଷମ୍ କରାଯାଇଛେ । ପ୍ରକଳ୍ପ ମାନ୍‌କୁ ନେଇକରି ଥିବା ୧୧ଟା ସମସ୍ୟାର୍ ସମାଧାନ୍ ପ୍ରଗତି ଜରିଏ କରାଯାଇଛେ । ଯେନ୍‌ଥିର୍‌ଲାଗି ପ୍ରକଳ୍ପମାନ୍‌କର୍ ଶହେ ପ୍ରତିଶତ୍ କାର୍ଯ୍ୟାନ୍ୱୟନ୍ ହେଇପାରିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ୪୯ ନମ୍ବର୍ ପ୍ରଗତି ବୈଠକ୍‌ଥି ପ୍ରକଳ୍ପମାନ୍‌କର୍ ସମୀକ୍ଷା କରାଯାଇଥିଲା ।

ନିର୍ବାଚନ୍-ସମୀକ୍ଷା ବୈଠକ୍          ଗଞ୍ଜାମ୍ ସମ୍ବାଦଦାତା

ଆଏବା ବଛର୍ ଜାନୁଆରୀ ମାସେ ହେବାର୍‌କେ ଥିବା ପଂଚାୟତ୍ ଆଉ ପୌର ନିର୍ବାଚନ୍ ସହେତେ ଭୋଟର୍ ତାଲିକା ସଂଶୋଧନ୍‌କେ ଫଟିକ୍, ନିରପେକ୍ଷ ଆଉ ସଫଲତାର୍ ସହେତେ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ ଆୟୁକ୍ତ ମଧୁସୂଦନ୍ ପାଢ଼ୀ ପରାମର୍ଶ ଦେଇଛନ୍ । ଗଞ୍ଜାମ୍ ଜିଲ୍ଲାର୍ ଛତ୍ରପୁର୍ ନ ଦକ୍ଷିଣାଂଚଲ୍ ରାଜସ୍ୱ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ସମ୍ମିଲନୀଥି ଶ୍ରୀ ପାଢ଼ୀ ଅଧ୍ୟକ୍ଷତା କରିକରି ଆଏବା ପଂଚାୟତ୍ ନିର୍ବାଚନ୍ ବେଲ୍‌କେ ଘର୍ ଘର୍ ଯାଇକରି ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ସର୍ଭେ, ବାଲାଟ୍ ବକ୍ସ, ଇଭିଏମ୍ ଥିତି ଆଉ ଅବସ୍ଥିତିର୍ ଯାଂଚ୍, ବୁଥ୍ ପୁର୍ନଗଠନ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରିଛନ୍ । ବୈଠକ୍‌ଥି ଦକ୍ଷିଣାଂଚଲ୍ ରାଜସ୍ୱ ଆୟୁକ୍ତ ଅନ୍ତର୍ଗତ ଜିଲ୍ଲାମାନ୍‌କର୍ ଜିଲ୍ଲାପାଲ୍, ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଉ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜନଗଣନା          ହି.ସ.

ରାଏଜେ ଆଏବା ଏପ୍ରିଲ୍ ମାସର୍ ୧୬ ତାରିଖିନୁ ପହେଲା ଖେପ୍ ଜନଗଣ୍‌ନା ମୁଲ୍ ହେବା । ପହେଲା ଖେପ୍‌ଥି ଘର୍ ଘର୍ ବୁଲିକରି ଗନ୍‌ତି କରାଯିବା । ଏପ୍ରିଲ୍ ୧୬ ନୁ ମେ ୧୫

ତାରିଖ୍‌ତକ୍ ୩୦ ଦିନ୍ ଧରିକରି ଜନଗଣନା କରାଯିବା ବଲି ରାଜସ୍ୱ ବିଭାଗ୍ ତରଫ୍‌ରୁ ବାହାରିଥିବା ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ପକ୍ଷୀ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଇ ବଛର୍ ଶହେ ୨୮ ପ୍ରଜାତିର୍ ୪ ଲାଖ୍ ୨୦ ହଜାର୍ ଚଢ଼େଇ ଆସିଛନ୍ ବଲି ହୀରାକୁଦ୍ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ । ସେ କହିଛନ୍, ଇଥର ହୀରାକୁଦ୍‌କେ ୫ ଟା ନୂଆଁ ପ୍ରଜାତିର୍ ଚଢ଼େଇ ଆସିଛନ୍ । ଗଲାବଛର୍ ଶହେ ୨୨ ଟା ପ୍ରଜାତିର୍ ୩ ଲାଖ୍ ୭୭ ହଜାର୍ ଚଢ଼େଇ ଆସିଥିଲା ବେଲେ ଇଥର ଚଢ଼େଇଙ୍କର୍ ସଂଖ୍ୟା ୪୩ ହଜାର୍ ଅଏତ୍‌କା ବଢ଼ିଛେ ବଲି ହୀରାକୁଦ୍ ନ ପକ୍ଷୀ ଗନ୍‌ତି ଶେଷ୍ ହେଲା ଉତ୍‌ରୁ ଡିଏଫ୍‌ଓ କହିଛନ୍ ।
(ଭଏସ୍ ଓଭର୍- ଡିଏଫ୍‌ଓ)

ଚାଖୀ ଖୁଂଟିଆ ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

ମହାନ୍ ବିପ୍ଳବୀ ଚନ୍ଦନ୍ ହଜୁରୀ ଚାଖୀ ଖୁଂଟିଆଙ୍କୁ ଆଏଜ୍ ତାଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଲି ଜନଉଛନ୍ । ଇ

ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ବାବୁ ସିଂ ଅତିଥି ଭାବେ ଯୋଗ୍ ଦେଇକରି ଚନ୍ଦନ ହଜୁରୀଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଚାଖୀ ଖୁଂଟିଆଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇକରି- ମାତୃଭୂମିର୍ ସେବା, ସ୍ୱାଭିମାନ୍ ରକ୍ଷା ଲାଗି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଚନ୍ଦନ ହଜୁରୀଙ୍କର୍ ଅବଦାନ୍ ସବୁଦିନ ସୁର୍‌ତା ହେଇକରି ରହେବା ବଲି କହିଛନ୍ ।

ଡଲ୍‌ଫିନ୍ ଗନ୍ଥି ହି.ସ.

ଚିଲିକା, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଆଉ ଭିତର୍‌କନିକା ନ ଆଏଜ୍‌ଠାନୁ ଡଲ୍‌ଫିନ୍ ଗନ୍‌ତି ମୁଲ୍ ହେଇଛେ । ଗନ୍‌ତି ୩ ଦିନ୍‌ତକ୍ ଚାଲ୍‌ବା । ସଖାଲର୍ ୬ ବଜେନୁ ଦିନର୍ ୧୨ ବଜେତକ୍ ଗନ୍‌ତି ହେବା । ଚିଲିକା ନ ଗନ୍‌ତି କାମ୍‌ଥି ୧୮ ଟା ଦଲ୍ ନିୟୋଜିତ୍ ଅଛନ୍ । ସେନ୍ତା ଗହୀରମଥା ଆଉ ଭିତର୍‌କନିକା ନ ୯ ଟା ଦଲ୍ ଗନ୍‌ତି କାମ୍‌ଥି ସାମିଲ୍ ଅଛନ୍ ।

ପରୀକ୍ଷା ଦର୍ପଣ ହି.ସ.

ରାଜ୍ୟର୍ ବିଦ୍ୟାଳୟ ଭିତିଭୂମି ଆଉ ଅସୁରକ୍ଷିତ୍ ପରିବେଶ୍‌ର ଯାଂଚ୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଜରିଏ ସୂଚ୍‌ନା ଦିଆଯାଇଛେ । ଖୋବ୍ ଜଲ୍‌ଦି ଇତାର୍ ତଦାରଖ୍ କରିକରି ସୂଚ୍‌ନା ଦେବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ । ସେଆଡ଼େ ୧୦ ଶ୍ରେଣୀ ବୋର୍ଡ଼ ପରୀକ୍ଷାର୍ଥୀମାନ୍‌କର୍ ଲାଗି ଆଏଜ୍ ଓସେପା ତର୍‌ଫୁ ପରୀକ୍ଷା ଦର୍ପଣ ସବୁ ଜିଲ୍ଲା ଅଧିକାରୀମାନ୍‌କୁ ଦିଆଯାଇଛେ । ଆଏବା ମାସ ୧୯ ତାରିଖ୍ ଦିନ ଛାତ୍ରଛାତ୍ରୀଙ୍କର୍ ବୋର୍ଡ଼ ପରୀକ୍ଷା ହେବା । ଇତାକେ ନଜର୍‌ଥି ରଖିକରି ସମ୍ଭାବ୍ୟ ମୂଲକ୍ ସେଟ୍ ତିଆର୍ କରାଯାଇଛେ । ଯେନ୍‌ଟାକି ଛାତ୍ରଛାତ୍ରୀମାନ୍‌କୁ ପରୀକ୍ଷାଥି ସାହାଜ୍ କର୍‌ବା ।

ବନ୍ଦେ ମାତରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସର୍ ନ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଗୁଟେ ଜିଲ୍ଲାସ୍ତରୀୟ ଉତ୍ସବ୍‌ର ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ସାମୂହିକ୍ ବନ୍ଦେ ମାତରମ୍ ଗାଏବାର୍ ସହେତେ ଆତ୍ମନିର୍ଭର୍ ଭାରତ୍ ଆଉ ସ୍ୱଦେଶୀ ଅଭିଯାନ୍ ଲାଗି ସଂକଳ୍ପ ନେଇଥିଲେ ।

## ମଧ୍ୟସ୍ଥତା ଅଭିଯାନ୍ କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲାର୍ ବୌଦ୍ଧ, କଂଟାମାଲ୍, ହର୍‌ଭଙ୍ଗା ନ ମଧ୍ୟସ୍ଥତା ଅଭିଯାନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଅଭିଯାନ୍ ଜରିଏ ଅଦାଲତ୍ ନ ବିଚାରାଧୀନ୍ ଥିବା ଭିନ୍ ଭିନ୍ ବିବାଦ୍ ମାନ୍‌କର୍ ଆପୋଷ୍ ସହମତିଥି ସମାଧାନ୍ କର୍‌ବାର୍‌କେ ଚେରେଷ୍ଟା କରାଯିବା ।

## ପକ୍ଷୀ ପାଇଁ ଦିନଟିଏ ନୂଆପଡ଼ା ସମ୍ବାଦଦାତା

ଚଢ଼େଇ ମାନ୍‌କର୍ ସହଜ୍ ଜୀବନ୍‌ଯାପନ୍, ସେମାନ୍‌କର୍ ବଂଶ ବଢ଼ାବାର୍ ଦିଗେ ଅନୁକୂଳ ପରିବେଶ୍ ସୃଷ୍ଟି ଲାଗି ସଚେତନ୍ କର୍‌ବାର୍‌କେ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ଭୋଜ୍‌ପୁର୍ ଗାଁ ନ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଫି’ ସୋମ୍‌ବାର୍ ଦିନ ଭିନ୍ ଭିନ୍ ଗାଁ ନ ସଚେତନତା ସଭା କରାଯାଉଛେ ।

## ସଡ଼କ୍ ସୁରକ୍ଷା ସଚେତନତା ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆଂଚଲିକ୍ ପରିବହନ୍ ବିଭାଗ୍ ତରଫ୍ରୁ ଆଏଜ୍ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ହେଇଯାଇଛେ । ଜିଲ୍ଲା ଆଂଚଲିକ ପରିବହନ୍ ଅଧିକାରୀ କେଶବ୍ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କୁ ଟ୍ରାଫିକ୍ ନିୟମ୍ ମାନିକରି ଗାଡ଼ି ଚଲାବାର୍‌କେ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ସଡ଼କ୍ ସୁରକ୍ଷା ଶପଥ୍ ପାଠ୍ ଭିଲ୍ କରାଯାଇଥିଲା ।

ପୁରୀ- ରଥକାଠ ନୟାଗଡ଼୍ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥ୍‌ଯାତ୍ରାଥି ରଥ ତିଆରି ଲାଗି ନୟାଗଡ଼୍ ଜିଲ୍ଲା ଦଶ୍‌ପଲ୍ଲାନୁ ଆଏଜ୍ ପହେଲା ଖେପେ ଶ୍ରୀକ୍ଷେତ୍ର ପୁରୀକେ କାଠ୍ ପଠାଯାଇଛେ । ୩ ଟା ଟ୍ରକ୍ ଜରିଏ ୮୩ ଖଁଡ଼୍ କାଠ୍ ପଠାଯାଇଥିବାର୍ ଜନାପଡ଼ିଛେ । ଗଲାମାସ ୩୦ ତାରିଖ୍ ଦିନ ଶ୍ରୀମନ୍ଦିର୍ ପ୍ରଶାସନ୍‌ର ୪ ଝନିଆ ଦଲ୍ ଶ୍ରୀମନ୍ଦିର୍‌ନୁ ଆଜ୍ଞାମାଲ୍ ଆନିକରି ମା ବଡ଼ରାଉଳଙ୍କର୍ ପୀଠ ନ ପୂଜା କରିକରି ଫିରିଥିଲେ । ତାର୍ ଉତ୍‌ରୁ ରଥକାଠ ଆନ୍‌ବାର୍ ପ୍ରକ୍ରିୟା ମୁଲ୍ ହେଇଥିଲା ।

ଲାଲ୍‌ମନୀ କ୍ରିକେଟ୍ କପ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ଗାନ୍ଧୀ ପଡ଼ିଆ ନ ଚାଲିଥିବା ୩୭ ନମ୍ବର୍ ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍ -୨୦୨୬ ଥି ଆଏଜ୍ ଅନୁଗୁଲ୍ କ୍ରିକେଟ୍ କ୍ଲବ୍‌କେ ୨ ୱିକେଟ୍‌ଥି ହରେଇକରି ବଲାଙ୍ଗିର୍ ୟଙ୍ଗ୍ ଷ୍ଟାର୍ ଦଲ୍ ବିଜୟୀ ହେଇଛେ । ଇତାର୍‌ସହେତେ ବଲାଙ୍ଗିର୍ ଦଲ୍ ସେମିଫାଇନାଲ୍‌କେ ଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆଉ ଟିକେ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।